SRI SRI UNIVERSITY

satyam gyanam anantham brahma

Learn Lead Serve

# NEWS CLIPS

# MARCH ,2024

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

**11.03.2024**

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର



ତ୍ରିଶୂଳିଆ,୧୦।୩ (ନି.ପ୍ର):ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ରାଷ୍ଟ୍ରୀୟ ସେବା ଯୋଜନା ୟୁନିଟ୍-୨ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରକୁ କୁଳପତି ପ୍ରଫେସର ବି. ଆର୍. ଶର୍ମା ଉଦଘାଟନ କରିଥିଲେ। ଶିବିରରେ ୭୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଡ଼ି.ଏସ୍.ଏ ପ୍ରଫେସର ଜୟପ୍ରକାଶ ଭଟ୍ଟ, ଡିନ୍ ପ୍ରଫେସର ଡାକ୍ତର ପ୍ରଦୀପ କୁମାର ପଣ୍ଡା, ଅଧ୍ୟକ୍ଷ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ଅତିଥିଭାବେ ଯୋଗଦେଇଥିଲେ। ଆସୋସିଏଟ ପ୍ରଫେସର ଡ. ସୋନମ୍ ଅଗ୍ରୱାଲ ଏବଂ ପ୍ରଫେସର ଅଲେଖ ଚନ୍ଦ୍ର ମହାନ୍ତି ଶିବିର ପରିଚାଳନା କରିଥିଲେ। ସମାଜ କୃଷ୍ଣ

ଶ୍ରୁତି
SRUTI

**11.03.2024**

# ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ରକ୍ତଦାନ ଶିବିର



ତ୍ରିଶୂଳିଆ, ୧୧/୩ (ଶ୍ରୁ.ମି) ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ରାଷ୍ଟ୍ରିୟ ସେବା ଯୋଜନା ୟୁନିଟ୍-୨ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. ଆର୍. ଶର୍ମା ଉଦ୍ଘାଟନ କରି ଛାତ୍ରଛାତ୍ରୀ ମାନଙ୍କୁ ରକ୍ତଦାନର ମହାନତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ଼ି.ଏସ୍.ଏ. ପ୍ରଫେସର ଜୟପ୍ରକାଶ ଭଟ୍ଟ, ମହାବିଦ୍ୟାଳୟର ଡିନ୍ ପ୍ରଫେସର ଡାକ୍ତର ପ୍ରଦୀପ କୁମାର ପଣ୍ଡା, ଚିକିତ୍ସାଳୟର ଅଧୀକ୍ଷକ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ଯୋଗଦେଇ ଆଜିର ସମାଜରେ ରକ୍ତଦାନର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ଏସ୍. ସି. ବି. ମେଡିକାଲ ମହାବିଦ୍ୟାଳୟର ରକ୍ତ ସଂରକ୍ଷଣ ଭେଷଜ ବିଭାଗର ସହଯୋଗରେ ବିଶ୍ୱବିଦ୍ୟାଳୟର ୭୨ ଜଣ ଛାତ୍ରଛାତ୍ରୀ ତଥା କର୍ମଚାରୀ ରକ୍ତଦାନ କରିଥିଲେ। ଉକ୍ତ ଶିବିରକୁ ଆସୋସିଏଟ ପ୍ରଫେସର ଡ଼ାଃ. ସୋନମ୍ ଅଗ୍ରୱାଲ ଏବଂ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରିୟ ସେବା ଯୋଜନାର ପରାମର୍ଶଦାତା ପ୍ରଫେସର ଅଲେଖ ଚନ୍ଦ୍ର ମହାନ୍ତି ଶିବିର ପରିଚାଳନା କରିଥିଲେ।

ପ୍ରମେୟ

THE PRAMEYA

**24.03.2024**

# ଜଳବାୟୁ ପରିବର୍ତ୍ତନ ସଂପର୍କିତ ଆନ୍ତର୍ଜାତିକ ସମ୍ମିଳନୀ




କଟକ,୨୪।୩(ବ୍ୟୁରୋ): କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଯାନ୍ତ୍ରିକ ଶିକ୍ଷା (ଏମ୍ଏଲ୍) ଦ୍ୱାରା କିଭଳି ଜଳବାୟୁ ପରିବର୍ତ୍ତନ ସମ୍ଭବ ହୋଇପାରିବ, ସେ ସମ୍ପର୍କରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକ ଓ ପ୍ରଯୁକ୍ତି ତଥା ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଅଭିନବ ପ୍ରଯୁକ୍ତି ବିଦ୍ୟାର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏଆର ଏବଂ ଇ) ବିଭାଗର ଡିନ୍ ପ୍ରାଧ୍ୟାପକ ଡ. ଅନିଲ ଶର୍ମା, ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରାଧ୍ୟାପକ ଡ. ରବିନାରାୟଣ ଶତପଥୀ, ବିଜ୍ଞାନ ବିଭାଗର ଡିନ୍ ଡ. ଅମରେନ୍ଦ୍ର ନାରାୟଣ ମିଶ୍ର, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଜଳବାୟୁ ପରିବର୍ତ୍ତନ ହ୍ରାସ ଦିଗରେ କୃତ୍ରିମ ବୁଦ୍ଧିମତ୍ତା ଓ ଯାନ୍ତ୍ରିକ ଶିକ୍ଷାର ଭୂମିକା ବର୍ଣ୍ଣନା କରିଥିଲେ। ଆମେରିକାର ନ୍ୟୁୟର୍କସ୍ଥିତ ସିଟି ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରାଧ୍ୟାପିକା ପାରମିତା ସେନ୍ ଏବଂ ନୀଲ୍ ଫିଲିପ୍ ଏହା ଉପରେ ଗୁରୁତ୍ୱ ଦେଇଥିଲେ।

ବିଜ୍ଞାନୀ ଫୈକ୍ ସୁଲେମାନ୍, ଅମିନ୍ ଆବାଉ-ଗଲାଲା କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ଜଳବାୟୁ ପରିବର୍ତ୍ତନ ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ସତ୍ୟଜିତ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

orissadiary.com
Fueling Brand Odisha Since 20 Years

Mar 24, 2024




NATIONAL NEWSODISHAUNIVERSITY NEWS

# Global Experts Unite: Sri Sri University Hosts 'Symposium On Climate Change Mitigation With AI & ML'

By India Education Diary Bureau Admin Last updated Mar 24, 2024

Share

Cuttack : The International Symposium on "Climate Change Mitigation with AI & ML" concluded on a high note at Sri Sri University, marking a significant step forward in the global efforts to address climate change through innovative technologies and collaborative initiatives.The symposium organized by the Faculty of Engineering and Technology (FET) and the Faculty of Science (FOS), brought together renowned experts, scholars, and practitioners from around the world to explore the intersection of artificial intelligence (AI), machine learning (ML) and climate change mitigation.

The event commenced with an esteemed lineup of dignitaries, including Prof. (Dr.) Rabinarayana Satpathy, Dean of FET, and Prof. (Dr.) Amarendra Narayan Mishra, Dean of FOS. Prof (Dr.) Satpathy gave an insight on the tools and techniques to check on climate change and Prof. (Dr.) Mishra spoke on Awareness of global climate change and its impact on living organisms and beyond the Horizon. Professor (Dr.) Anil Sharma, Dean AR and E, SSU gave an introductory speech on the Topic Ecosystem and Biodiversity. Climate change and its impact on agriculture. Swami Satya Chaitanya, Director of Operation gave an insight on the topic, that the change is inevitable and can only be balanced and then linked the current topic with the views of ancient scientists on how to balance the change of the Ecosystem.

Distinguished guests Prof. Paramita Sen and Prof. Neal Phillip from City University New York (CUNY), shared their expertise and perspectives on climate change mitigation strategies. Professor Sen affirmed that the climate change phenomenon is not restricted to the Troposphere. It's going in the Stratosphere. She spoke about the ozone layer and also provided information of satellite data regarding the Exosphere and the relationship between human and nature. Professor Philip also gave a vivid insight on the relevant topic.

Throughout the symposium, attendees had the privilege of engaging with luminaries such as data scientists from IBM New York Mr. Fayic Suleman and Amin Abou-Gallala who emphasized the pivotal role of AI in addressing climate challenges. In the online session, they gave an introductory insight of Climate change and AI and how to interlink the AL and ML with climate change. Mr. Suleman focused on energy efficient Programming Language. Dr. Sanjay Shitole from SNDT Women's University provided valuable insights into the implementation of ML techniques for climate change mitigation.

The interactive workshops led by Prof. Neal Phillip and Prof. Paramita Sen explored various tools and techniques used to monitor and combat climate change, demonstrating practical applications of AI and ML in environmental stewardship by displaying them.

The symposium concluded with a warm vote of thanks by Satyajeet Arya, Assistant Professor of FOS, expressing gratitude to all participants and speakers for their valuable contributions. Invited speakers were felicitated by dignitaries of Sri Sri University in recognition of their efforts to advance the dialogue on climate change mitigation.

ଶ୍ରୁତି
SRUTI

23.03.2024

# କୃତ୍ରିମ ବୁଦ୍ଧିମତ୍ତା ଓ ଯାନ୍ତ୍ରିକ ଶିକ୍ଷା ଦ୍ୱାରା ଜଳବାୟୁ ପରିବର୍ତ୍ତନ ହ୍ରାସ ସମ୍ପର୍କରେ ଆନ୍ତର୍ଜାତିକ ସମ୍ମିଳନୀ




ତ୍ରିଶୂଳିଆ, ୨୩/୩(ଶ୍ରୁ.ମି.) : କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଯାନ୍ତ୍ରିକ ଶିକ୍ଷା (ଏମ୍ଏଲ୍) ଦ୍ୱାରା କିଭଳି ଜଳବାୟୁ ପରିବର୍ତ୍ତନ ସମ୍ଭବ ହୋଇପାରିବ, ସେ ସମ୍ପର୍କରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକ ଓ ପ୍ରଯୁକ୍ତି ତଥା ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଅଭିନବ ପ୍ରଯୁକ୍ତି ବିଦ୍ୟାର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଶ୍ୱିକ ଜଳବାୟୁ ପରିବର୍ତ୍ତନକୁ କିଭଳି ରୋକାଯାଇପାରିବ, ସେ ସମ୍ପର୍କରେ ଏହି ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ବକ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏଆର ଏବଂ ଇ) ବିଭାଗର ଡିନ୍ ପ୍ରାଧାପକ ଡଃ. ଅନିଲ ଶର୍ମା, ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରାଧାପକ ଡଃ. ରବିନାରାୟଣ ଶତପଥୀ, ବିଜ୍ଞାନ ବିଭାଗର ଡିନ୍ ଡଃ. ଅମରେନ୍ଦ୍ର ନାରାୟଣ ମିଶ୍ର, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଜଳବାୟୁ ପରିବର୍ତ୍ତନ ହ୍ରାସ କରିବା ଦିଗରେ କୃତ୍ରିମ ବୁଦ୍ଧିମତ୍ତା ଓ ଯାନ୍ତ୍ରିକ ଶିକ୍ଷାର ଭୂମିକା ବର୍ଣ୍ଣନା କରିଥିଲେ। ଏଥିସହ ଆମେରିକାର ନ୍ୟୁୟର୍କସ୍ଥିତ ସିଟି ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରାଧାପିକା ପାରମିତା ସେନ୍ ଏବଂ ନୀଲ୍ ଫିଲିପ୍ ଏହା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାଧାପିକା ପାରମିତା ସେନ୍ କହିଥିଲେ, 'ଏହି ମାରାତ୍ମକ ଜଳବାୟୁ ପରିବର୍ତ୍ତନ ବାୟୁମଣ୍ଡଳର କେବଳ ଟ୍ରପୋସ୍ଫିୟର ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ଏହା ଷ୍ଟ୍ରାଟୋସ୍ଫିୟରକୁ ମଧ୍ୟ ବ୍ୟାପିଗଲାଣି। ଆଜି ଓଜନ୍ ସ୍ତର ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇ ସାରିଛି'। ଏଥିସହ ସେ ଏକ୍ସୋସ୍ଫିୟରକୁ ନେଇ ଉପଗ୍ରହ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ଥିବା ସମ୍ପର୍କ କଥା କହିଥିଲେ। ପ୍ରାଧାପକ ଫିଲିପ ମଧ୍ୟ ଏ ବିଷୟରେ ଅତ୍ୟନ୍ତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନ୍ୟୁୟର୍କସ୍ଥିତ ଆଇବିଏମର ଡାଟାବିଜ୍ଞାନୀ ଶ୍ରୀ ଫୈକ୍ ସୁଲେମାନ୍, ଅମିନ୍ ଆବୋଉ-ଗଲାଲା କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ଜଳବାୟୁ ପରିବର୍ତ୍ତନ ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଏସଏନଡିଟି ମହିଳା ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡଃ. ସଞ୍ଜୟ ସିଠୋଲେ ଏଥିରେ ଯାନ୍ତ୍ରିକ ଶିକ୍ଷାର ପ୍ରୟୋଗ କଥା କହିଥିଲେ। ପରିଶେଷରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗର ସହକାରୀ ପ୍ରାଧାପକ ସତ୍ୟଜିତ ଆର୍ଯ୍ୟ ସମସ୍ତ ଅତିଥି ବକ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏପରି ଏକ ବିଷୟକୁ ନେଇ ସଫଳତାର ସହ ସମ୍ମିଳନୀଟି ଆୟୋଜନ କରାଯାଇ ପାରିଥିବାରୁ ସମସ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ।